## ଫି' ବୃଦ୍ଧି ରୋକିବାକୁ ସିବିଏସ୍‌ଇ ଜାରି କଲା ନିର୍ଦ୍ଦେଶନାମା

# ସ୍କୁଲ ନାଁରେ ବେପାର କରୁଥିଲେ ସ୍ୱୀକୃତି ପ୍ରତ୍ୟାହାର ହେବ

ଭୁବନେଶ୍ୱର,୧୪।୬(ଇମିସ): ସିବିଏସ୍‌ଇ ବୋର୍ଡ ଅଧୀନସ୍ଥ ସ୍କୁଲଗୁଡ଼ିକ ଏଣିକି କୌଣସି ପରିସ୍ଥିତିରେ ଅଧିକ ଫି' ନେଇପାରିବେନି। ଯେତିକି ସୁବିଧା ସୁଯୋଗ ଯୋଗାଉଥିବେ ସେହି ଅନୁଯାୟୀ ଫି' ନେବେ। ପିଲା ଓ ଅଭିଭାବକଙ୍କ ଉପରେ ଚାପ ପକାଇ ଫି' ଆଦାୟ କରୁଥିଲେ ସ୍କୁଲର ସ୍ୱୀକୃତି ପ୍ରତ୍ୟାହାର ହେବ ବୋଲି ସିବିଏସ୍‌ଇ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି।

ଚାରିଆଡ଼େ ମାଳମାଳ ସିବିଏସ୍‌ଇ ବୋର୍ଡ ପାର୍ଟନ ସ୍କୁଲ ଖୋଲୁଛି। ଶିକ୍ଷାଦାନ ନାଁରେ ବ୍ୟବସାୟ ହେଉଛି। ବେପାର କରିବା ପାଇଁ ବହୁ ଉଦ୍ୟୋଗୀ ଏବେ ସ୍କୁଲକୁ ମାଧ୍ୟମ କରିଛନ୍ତି। ଫଳରେ ଛାତ୍ରଛାତ୍ରୀଙ୍କ ଠାରୁ ଆବଶ୍ୟକତା ଠାରୁ ଅଧିକ ଫି' ଆଦାୟ ହେଉଛି। ସ୍କୁଲ ନାଁରେ ଯେଉଁମାନେ ବେପାର କରୁଛନ୍ତି ତାହାକୁ ଆଉ ବରଦାସ୍ତ କରାଯିବନି। ଯଦି ଏନେଇ କୌଣସି ପ୍ରକାରର ଅଭିଯୋଗ ସିବିଏସ୍‌ଇ ବୋର୍ଡ ନିକଟରେ ପହଞ୍ଚିବ ତେବେ ଉକ୍ତ ସ୍କୁଲର ଆକାଉଣ୍ଟ ଅଡିଟ୍ କରାଯିବ। ଆଉ ଆର୍ଥିକ ଅନିୟମିତତା ବା ସ୍କୁଲର ପ୍ରତିଷ୍ଠାତା ନିଜ ଖର୍ଚ୍ଚ ଛାତ୍ରଛାତ୍ରୀଙ୍କ ଫି'ରେ କରୁଥିବା ଜଣାପଡ଼ିଲେ ସ୍କୁଲ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପଦକ୍ଷେପ ସ୍ୱରୂପ ସ୍କୁଲର ସ୍ୱୀକୃତି ତୁରନ୍ତ ପ୍ରତ୍ୟାହାର କରାଯିବ ବୋଲି ସିବିଏସ୍‌ଇ ପକ୍ଷରୁ କୁହାଯାଇଛି।

ନିକଟରେ ସିବିଏସ୍‌ଇ ପକ୍ଷରୁ ଜାରି ହୋଇଥିବା ସର୍କୁଲାର ନଂ ୦୨/୨୦୧୬

ପାଇବା ସମୟରେ ଯେଉଁ ବାଇ ଲ' ଦାଖଲ କରିଥିବେ ସେହି ଅନୁଯାୟୀ ଟ୍ୟୁସନ୍ ଫି' ଆଦାୟ କରିବେ। କୌଣସି ପରିସ୍ଥିତିରେ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷାରୁ ବଞ୍ଚିତ କରିବେନି। ସୁସ୍ଥ ଓ ଶିକ୍ଷଣୀୟ ପରିବେଶ ମଧ୍ୟରେ ଶିକ୍ଷାଦାନ କରିବେ। ସ୍କୁଲରେ ଶିକ୍ଷାଦାନ ଗୋଷ୍ଠୀ ସେବା ପାଇଁ ଉଦ୍ଦିଷ୍ଟ ହେବ, ବେପାର ପାଇଁ ନୁହେଁ। ହେଲେ ପ୍ରାୟ ସମସ୍ତ ଅଣ ଅନୁଦାନପ୍ରାପ୍ତ ଏବଂ ଘରୋଇ ସ୍କୁଲ ବାଇ ଲ'କୁ ମାନୁନାହାନ୍ତି। ମନ ଇଚ୍ଛା ଫି' ନେଉଛନ୍ତି। ଅମୁକ ଫି' ସମୁକ ଫି' ନାଁରେ ମୋଟା ଅଙ୍କର ଅର୍ଥ ନେଉଛନ୍ତି। ଯାହା କଦାପି ଗ୍ରହଣୀୟ ନୁହେଁ। ତେଣୁ ମାନବ ସମ୍ବଳ ମନ୍ତ୍ରଣାଳୟ ଜାରି କରଥିବା ନିର୍ଦ୍ଦେଶନାମା ଅନୁଯାୟୀ, ସ୍କୁଲ ମ୍ୟାନେଜମେଣ୍ଟ କମିଟି ମାଧ୍ୟମରେ ସ୍କୁଲର ସମସ୍ତ ନିଷ୍ପତ୍ତି ନିଆଯିବ। ଏହାକୁ ସମସ୍ତ ସ୍କୁଲ ମାନିବାକୁ ବାଧ୍ୟ ବୋଲି ଏହି ସର୍କୁଲାରରେ କୁହାଯାଇଛି।

ସେହିପରି ବାଇ ଲ'ରେ ଥିବା ନିୟମ ୭.୨ ଅନୁଯାୟୀ, ସ୍କୁଲରୁ ଆୟ ହେଉଥିବା ଅର୍ଥ ମ୍ୟାନେଜମେଣ୍ଟ କମିଟି ମାଧ୍ୟମରେ ଏହା ଖର୍ଚ୍ଚ ହେବ। ସ୍କୁଲର ଆବଶ୍ୟକତା ପୂରଣ ପାଇଁ ଯାହା ଦରକାର ତାହା କରାଯିବ। ଯଦି ଏହାପରେ ଅର୍ଥ ବଳୁଛି ତେବେ ଏହାକୁ ସ୍କୁଲର ପ୍ରମୋସନ ପାଇଁ ଖର୍ଚ୍ଚ କରାଯିବ। ସ୍କୁଲ କର୍ତ୍ତୃପକ୍ଷ ପ୍ରତିବର୍ଷ ସେମାନଙ୍କ ସ୍କୁଲ ଆକାଉଣ୍ଟର ହିସାବ ବୋର୍ଡକୁ ଦେବେ।

ନିୟମ ୭.୩ ଅନୁଯାୟୀ ଯଦି ସ୍କୁଲର ଅର୍ଥ କୌଣସି ବ୍ୟକ୍ତିଙ୍କ ଆକାଉଣ୍ଟକୁ ଯାଉଥିବ ତେବେ ବୋର୍ଡ କର୍ତ୍ତୃପକ୍ଷ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ।

- ଅଧିକ ଫି' ନେଉଥିବା ଅଭିଯୋଗ ହେଲେ ସ୍କୁଲର ଅଡିଟ ହେବ
- ସାକ୍ଷାତକାର କରି ପିଲା ନେଉଥିଲେ ୫୦ହଜାର ଟଙ୍କା ଜରିମାନା
- କେଉଁଥିପାଇଁ କେତେ ଫି' ଆଦାୟ ହେବ ରାଜ୍ୟ ସରକାର ସ୍ଥିର କରିବେ
- ଡୋନେସନ୍ ନେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ
- ଶିକ୍ଷା ବର୍ଷ ଅଧାରେ ଫି' ବଢ଼ିପାରିବନି

ନିୟମ ୧୧.୧ ଅନୁଯାୟୀ, ସ୍କୁଲରେ ଯେଉଁ ଅନୁଯାୟୀ ସୁବିଧା ଉପଲବ୍ଧ ହେଉଥିବ ସେହି ଅନୁଯାୟୀ ଫି' ଆଦାୟ ହେବ। ଏଥିପାଇଁ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଜାରି କରିଥିବା ଗାଇଡଲାଇନ୍ ଏବଂ ସ୍ଥିର କରିଥିବା ଫି' ହିଁ ଆଦାୟ ହେବ। ସ୍କୁଲରେ ନାମ ଲେଖାଇ ଦେବା କିମ୍ବା ଅନ୍ୟାନ୍ୟ କାରଣ ପାଇଁ କ୍ୟାପିଟେସନ ଫି' ଓ ସ୍ୱେଚ୍ଛାକୃତ ଦାନ କୌଣସି ପ୍ରକାରର ପ୍ରମାଣ ବୋର୍ଡ ନିକଟରେ ପହଞ୍ଚିବ ତେବେ ତୁରନ୍ତ ଉକ୍ତ ସ୍କୁଲର ସ୍ୱୀକୃତି ରଦ୍ଦ ହେବ। ଏହାସହିତ ଯେଉଁ ବ୍ୟକ୍ତି ବା କର୍ତ୍ତୃପକ୍ଷ ଏହା ମାଗିଥିବେ ସେମାନଙ୍କ ଠାରୁ ମାଗିଥିବା ଅର୍ଥର ୧୦ଗୁଣ ଜରିମାନା ଆଦାୟ ହେବ। କେବଳ ଏତିକି ନୁହେଁ ଯଦି ନାମ ଲେଖା ପୂର୍ବରୁ ପିଲାର କିମ୍ବା ଅଭିଭାବକଙ୍କ ସାକ୍ଷାତକାର କେହି ନେଉଥାନ୍ତି ତେବେ ପ୍ରଥମ ଅଭିଯୋଗ ପାଇଁ ୨୫ହଜାର ଟଙ୍କା ଏବଂ ପ୍ରତି ଅଭିଯୋଗ ପାଇଁ ୫୦ହଜାର ଟଙ୍କା ଲେଖାଏଁ ଜରିମାନା ଆଦାୟ କରାଯିବ। ସେହିପରି ଫି' ବୃଦ୍ଧି କରିବା ପୂର୍ବରୁ ଅଭିଭାବକ ସଂଘର ପ୍ରତିନିଧି ମଣ୍ଡଳୀ ସହିତ ଆଲୋଚନା କରିବାକୁ ହେବ। କୌଣସି ଘରୋଇ/ ଅଣଅନୁଦାନପ୍ରାପ୍ତ ସିବିଏସ୍‌ଇ ସ୍କୁଲ ଶିକ୍ଷା ବର୍ଷ ମଝିରେ ଫି' ବଢ଼ାଇପାରିବେନି।

ସିବିଏସ୍‌ଇ ମଧ୍ୟ ସ୍କୁଲର ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ବେତନ ନେଇ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସ୍କୁଲ କର୍ତ୍ତୃପକ୍ଷ କୌଣସି ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଅଧିକ ବେତନ ଦେଉଛନ୍ତି ବୋଲି ଦାବି କରି ଅଧିକ ଫି' ନେଇପାରିବେନି। ରାଜ୍ୟ ସରକାରଙ୍କ ଅଧୀନରେ ଥିବା ସ୍କୁଲରେ ଶିକ୍ଷକମାନେ ଯେପରି ବେତନ ପାଉଛନ୍ତି ସେହିପରି ବେତନ ଦେଇ ଶିକ୍ଷକ ନିଯୁକ୍ତି କରିବେ।

ଏହି ସବୁ ମଧ୍ୟରୁ ଯଦି ସ୍କୁଲ କର୍ତ୍ତୃପକ୍ଷ କିଛି ମାନୁ ନଥିବେ ବୋଲି ବୋର୍ଡ ନିକଟରେ ଅଭିଯୋଗ ପହଞ୍ଚିବ। ତେବେ ବୋର୍ଡର ନିୟମ ୧୩.୧୦ ଅନୁଯାୟୀ ସ୍କୁଲର ସ୍ୱୀକୃତି